# କିଶନ ସିଂହ

# ବନାମ

# ଉତ୍ତର ପ୍ରଦେଶ ରାଜ୍ୟ

# ନଭେମ୍ବର 2, 1992

**[ଲଲିତ ମୋହନ ଶର୍ମା, କେ. ରାମସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିବୃନ୍ଦ]**

*ଦଣ୍ଡ ପ୍ରକ୍ରିୟା ସଂହିତା, 1973: ଧାରା 374, 382, 383, 384* ।

*ଫୌଜଦାରୀ ଅପିଲ - ଅଣ-ଅଭିଯୋଜନ - ଖାରଜ କରିବା ପାଇଁ ନ୍ୟାୟାଳୟଙ୍କ କ୍ଷମତା - ନିର୍ଣ୍ଣୟ: ଏକ ଫୌଜଦାରୀ ଅପିଲକୁ ଅଣ-ଅଭିଯୋଜନ ପାଇଁ ଖାରଜ କରାଯାଇପାରିବ ନାହିଁ - ଅପିଲୀୟ ନ୍ୟାୟାଳୟ ସଂକ୍ଷିପ୍ତ ଭାବେ ଅପିଲ ଖାରଜ କରିବା ପୂର୍ବରୁ ଅପିଲ ଆବେଦନ ଏବଂ ଆପତ୍ତି କରାଯାଇଥିବା ରାୟର ପରୀକ୍ଷା କରିବା ଉଚିତ ଏବଂ ମାମଲାର ଯୋଗ୍ୟତାକୁ ବିଚାରକୁ ନେବା ଉଚିତ - ଫୌଜଦାରୀ ଏବଂ ଦେୱାନୀ ଅପିଲ ମଧ୍ୟରେ ଥିବା ପ୍ରଭେଦ ଆଲୋଚନା କରାଯାଇଛି* ।

*ଦେୱାନୀ ପ୍ରକ୍ରିୟା ସଂହିତା 1908: ଆଦେଶ 47 ନିୟମ 11, 17 ଏବଂ 19* ।

**ଅପିଲକାରୀଙ୍କୁ ଦୁର୍ନୀତି ନିବାରଣ ଅଧିନିୟମର ଧାରା 5 (2) ଅଧୀନରେ ଦୋଷୀ ସାବ୍ୟସ୍ତ କରାଯାଇ ଦୁଇ ବର୍ଷର ସଶ୍ରମ କାରାଦଣ୍ଡ ଏବଂ 200 ଟଙ୍କା ଜୋରିମାନା ପ୍ରଦାନ କରାଯାଇଥିଲା । ସେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 374 ଅଧୀନରେ ଏକ ଅପିଲ ଦାୟର କରିଥିଲେ, ଯାହାକି ଅପିଲକାରୀ ଏବଂ ତାଙ୍କ ଅଧିବକ୍ତାଙ୍କ ଅନୁପସ୍ଥିତି କାରଣରୁ ଖାରଜ କରାଯାଇଥିଲା । ଏହାପରେ ଅପିଲର ପୁନରୁଦ୍ଧାର ପାଇଁ କରାଯାଇଥିବା ଏକ ଆବେଦନ ମଧ୍ୟ ଖାରଜ ହୋଇଥିଲା । ଏହି ନ୍ୟାୟାଳୟରେ କରାଯାଇଥିବା ଅପିଲରେ ଯୁକ୍ତି ଦର୍ଶାଯାଇଥିଲା ଯେ, ଅପିଲକାରୀ କିମ୍ବା ତାଙ୍କ ଅଧିବକ୍ତା ଅପିଲକୁ ଉପସ୍ଥାପନ କରିବା ପାଇଁ ଅନୁପସ୍ଥିତ ରହିବା ଆଧାରରେ ଏହାକୁ ଖାରଜ କରାଯାଇପାରିବ ନାହିଁ ।**

**ଏହି ଅପିଲକୁ ମଞ୍ଜୁରୀ ଦେଇ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରି ଏହି ନ୍ୟାୟାଳୟ ନିର୍ଣ୍ଣୟ କଲେ:**

**1.** ଅପିଲକାରୀ କିମ୍ବା ତାଙ୍କ ଅଧିବକ୍ତାଙ୍କ ଅନୁପସ୍ଥିତି ଆଧାରରେ ଅପିଲ ଖାରଜ କରିବାରେ ଉଚ୍ଚ ନ୍ୟାୟାଳୟ ଠିକ୍ ନଥିଲେ ଏବଂ ନ୍ୟାୟାଳୟଙ୍କ ଅନ୍ତର୍ନିହିତ କ୍ଷମତା ବ୍ୟବହାର କରି ଫୌଜଦାରୀ ଅପିଲର ପୁନରୁଦ୍ଧାର ପାଇଁ ପ୍ରାର୍ଥନାକୁ ମଞ୍ଜୁର କରିବା ଉଚିତ ଥିଲା । **[310-C]**

**2.** ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା **384** ଅଧୀନରେ, ଅପିଲକୁ ସଂକ୍ଷିପ୍ତ ଭାବେ ଖାରଜ କରିବା ପୂର୍ବରୁ ଅପିଲ ଆବେଦନ ଏବଂ ଆପତ୍ତି କରାଯାଇଥିବା ରାୟର ପରୀକ୍ଷା କରିବା ଏବଂ ମାମଲାର ଯୋଗ୍ୟତାକୁ ବିଚାର କରିବା ଅପିଲୀୟ ନ୍ୟାୟାଳୟଙ୍କ କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ଅପିଲକାରୀ କିମ୍ବା ତାଙ୍କ ଅଧିବକ୍ତା ନ୍ୟାୟାଳୟରେ ଉପସ୍ଥିତ ରହି ଅପିଲ ଉପରେ ଯୁକ୍ତି କରିବା ଉପରେ ନିର୍ଭରଶୀଳ ନୁହେଁ । ଯେତେବେଳେ ଧାରା **382** କିମ୍ବା **383** ଅଧୀନରେ ଏକ ଅପିଲ ଆବେଦନ ଉପସ୍ଥାପନ କରାଯାଏ, ସେତେବେଳେ ଅପିଲକାରୀ ଏବଂ ତାଙ୍କ ଅଧିବକ୍ତାଙ୍କ ଅନୁପସ୍ଥିତି ସତ୍ତ୍ୱେ, ସଂକ୍ଷିପ୍ତ ଭାବେ ଖାରଜ କରିବା ପୂର୍ବରୁ ଏହାର ଯୋଗ୍ୟତା ଉପରେ ବିଚାର କରିବା ଅପିଲୀୟ ନ୍ୟାୟାଳୟଙ୍କ କର୍ତ୍ତବ୍ୟ ହୋଇଯାଏ । ତେଣୁ, ଉଚ୍ଚ ନ୍ୟାୟାଳୟ ନିଜେ ଅପିଲକାରୀଙ୍କ ଅପିଲ ଆବେଦନ ଏବଂ ଆକ୍ଷେପିତ ରାୟର ପରୀକ୍ଷା କରିବା ଉଚିତ ଥିଲା କିମ୍ବା ନ୍ୟାୟାଳୟଙ୍କୁ ସହାୟତା କରିବା ପାଇଁ ଜଣେ ଅଧିବକ୍ତା ନିଯୁକ୍ତ କରିବା ଉଚିତ ଥିଲା, କିନ୍ତୁ ଅପିଲକାରୀଙ୍କ ଅଧିବକ୍ତା ଉପସ୍ଥିତ ନଥିବା ଆଧାରରେ ଏହାକୁ ଖାରଜ କରିପାରି ନଥାନ୍ତେ । **[308-G, H; 309-A, C]**

**3.** ଏକ ଫୌଜଦାରୀ ଅପିଲର ସ୍ଥିତି ଏକ ଦେୱାନୀ ଅପିଲ ସହ ସମାନ ନୁହେଁ । ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା **384** ସହିତ ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ **41**, ନିୟମ **11** ଏବଂ **17** ର ତୁଳନା କଲେ ଏହି ପ୍ରଭେଦ ସ୍ପଷ୍ଟ ଜଣାପଡ଼େ । ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ **41**, ନିୟମ **17** ସ୍ପଷ୍ଟ ଭାବରେ ପ୍ରଦାନ କରେ ଯେ, ଶୁଣାଣି ସମୟରେ ଅପିଲକାରୀ ଅନୁପସ୍ଥିତ ରହିଲେ ଅପିଲ ଖାରଜ କରାଯାଇପାରେ ଏବଂ ନିୟମ **19** ଅନୁପସ୍ଥିତି ପାଇଁ ପର୍ଯ୍ୟାପ୍ତ କାରଣ ଦର୍ଶାଇଲେ ଏହାର ପୁନରୁଦ୍ଧାର ପାଇଁ ବ୍ୟବସ୍ଥା ରଖିଛି । ତେବେ, ଫୌଜଦାରୀ ଅପିଲ କ୍ଷେତ୍ରରେ ଦଣ୍ଡ ପ୍ରକ୍ରିୟା ସଂହିତାରେ ସମାନ ବ୍ୟବସ୍ଥା ଦେଖିବାକୁ ମିଳେନାହିଁ । ଅପରପକ୍ଷରେ, ସଂହିତାର ସ୍ପଷ୍ଟ ଶବ୍ଦାବଳୀ ଅନୁଯାୟୀ ବିଷୟବସ୍ତୁକୁ ଯୋଗ୍ୟତା ଆଧାରରେ ବିଚାର କରିବା ଆବଶ୍ୟକ । ଏହିପରି ଭାବେ, ଏକ ଫୌଜଦାରୀ ଅପିଲ ଅଣ-ଅଭିଯୋଜନ ପାଇଁ ଖାରଜ କରାଯାଇପାରିବ ନାହିଁ । **[309- D, E]**

*ରାମ ନରେଶ ଯାଦବ ଏବଂ ଅନ୍ୟମାନେ ବନାମ ବିହାର ରାଜ୍ୟ,* **A.I.R. 1987 S.C. 1500 ମାମଲାର ନିର୍ଣ୍ଣୟ ସହ ଅସହମତି ।**

*ଶ୍ୟାମ ଦେଓ ପାଣ୍ଡେ ଏବଂ ଅନ୍ୟମାନେ ବନାମ ବିହାର ରାଜ୍ୟ,* **[1971] Suppl. S.C.R. 133 ମାମଲା ଉପରେ ନିର୍ଭରଶୀଳତା ରଖାଯାଇଛି ।**

*ସମ୍ରାଟ ବନାମ ବାଲୁମାଲ ହଟଚାନ୍ଦ ଏବଂ ଅନ୍ୟମାନେ,* **39 ଅପରାଧିକ ଆଇନ ପତ୍ରିକା 890 ଏବଂ** *ରମେଶ ନାନୁ ବନାମ ଗୁଜରାଟ ରାଜ୍ୟ,* **17 ଗୁଜରାଟ ଆଇନ ରିପୋର୍ଟର 350 ମାମଲାଦ୍ୱୟକୁ ଉଲ୍ଲେଖ କରାଯାଇଛି ।**

ଫୌଜଦାରୀ ଅପିଲୀୟ କ୍ଷେତ୍ରାଧିକାରିତା: ଫୌଜଦାରୀ ଅପିଲ ସଂଖ୍ୟା 183/1993 ।

ଫୌଜଦାରୀ ଅପିଲ ସଂଖ୍ୟା 1791/1979 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ 11.5.1992 ର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀଙ୍କ ପକ୍ଷରୁ ବାହାର ୟୁ. ବାର୍ଗୀ ଏବଂ ଅନୀସ ସୋହରାୱାର୍ଦୀ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଆବେଦନକାରୀଙ୍କୁ ମଥୁରାର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଦୁର୍ନୀତି ନିବାରଣ ଅଧିନିୟମର ଧାରା 5 (2) ଅଧୀନରେ ଦୋଷୀ ସାବ୍ୟସ୍ତ କରାଯାଇ ଦୁଇ ବର୍ଷର ସଶ୍ରମ କାରାଦଣ୍ଡ ଏବଂ 200 ଟଙ୍କା ଜୋରିମାନା କରାଯାଇଥିଲା । ସେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ଏକ ଅପିଲ ଦାୟର କରିଥିଲେ, ଯାହା ଆବେଦନକାରୀ ଏବଂ ତାଙ୍କ ଅଧିବକ୍ତାଙ୍କ ଅନୁପସ୍ଥିତି କାରଣରୁ ପ୍ରାଥମିକ ଶୁଣାଣି ସମୟରେ ଖାରଜ କରାଯାଇଥିଲା । ଏହାପରେ ଅପିଲର ପୁନରୁଦ୍ଧାର ପାଇଁ କରାଯାଇଥିବା ଆବେଦନ ମଧ୍ୟ ଖାରଜ ହୋଇଥିଲା, ଯାହାକୁ ବର୍ତ୍ତମାନର ଏହି ବିଶେଷ ଅନୁମତି ଆବେଦନରେ ଏହି ନ୍ୟାୟାଳୟରେ ଆପତ୍ତି କରାଯାଇଛି ।

2. ଏହି ମାମଲାରେ ଉପୁଜିଥିବା ପ୍ରଶ୍ନଟି ହେଉଛି, ଜଣେ ଅଭିଯୁକ୍ତ ନିଜର ଦୋଷୀସାବ୍ୟସ୍ତ ଏବଂ ଦଣ୍ଡାଦେଶ ବିରୁଦ୍ଧରେ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 374 ଅଧୀନରେ ଦାୟର କରିଥିବା ଅପିଲକୁ, ଅପିଲକାରୀ ସ୍ୱୟଂ କିମ୍ବା ଅଧିବକ୍ତାଙ୍କ ଜରିଆରେ ଅପିଲର ଅଭିଯୋଜନ କରିବାରେ ବିଫଳ ହେବା କାରଣରୁ ଖାରଜ କରାଯାଇପାରିବ କି?

3. ବିଶେଷ ଅନୁମତି ଆବେଦନରେ ସୂଚନା ଜାରି କରାଯାଇଥିଲା ଯାହା ସୂଚିତ କରିଥିଲା ଯେ ମାମଲାଟିର ସୂଚନା ପର୍ଯ୍ୟାୟରେ ହିଁ ଚୂଡ଼ାନ୍ତ ଭାବେ ଫଏସଲା ନିଆଯିବ । କାର୍ଯ୍ୟାଳୟ ରିପୋର୍ଟ ସୂଚାଉଛି ଯେ ସୂଚନା ପ୍ରଦାନ କରାଯାଇଛି, କିନ୍ତୁ ଉତ୍ତରଦାତା ରାଜ୍ୟ ପକ୍ଷରୁ କେହି ଉପସ୍ଥିତ ନାହାଁନ୍ତି । ବିଶେଷ ଅନୁମତି ଆବେଦନ ମଞ୍ଜୁର କରାଗଲା ।

4. ଉଚ୍ଚ ନ୍ୟାୟାଳୟ 14 ନଭେମ୍ବର, 1990 ର ନିଜ ଆଦେଶରେ ଅପିଲକୁ ଅଣ-ଅଭିଯୋଜନ ପାଇଁ ଖାରଜ କରିବା ସମୟରେ, ଏହି ନ୍ୟାୟାଳୟଙ୍କ *ରାମ ନରେଶ ଯାଦବ ଏବଂ ଅନ୍ୟମାନେ ବନାମ ବିହାର ରାଜ୍ୟ,* AIR 1987 SC 1500 ମାମଲାର ନିମ୍ନଲିଖିତ ପର୍ଯ୍ୟବେକ୍ଷଣ ଉପରେ ନିର୍ଭର କରିଥିଲେ:

> "ନ୍ୟାୟାଳୟ ଅଣ-ଅଭିଯୋଜନ ପାଇଁ ଅପିଲ ଖାରଜ କରିପାରିବେ ଏବଂ ଶୃଙ୍ଖଳା ପ୍ରବର୍ତ୍ତନ କରିପାରିବେ କିମ୍ବା ଏହି ଉଦ୍ଦେଶ୍ୟରେ ବିଷୟଟିକୁ ବାର୍ କାଉନସିଲ୍‌କୁ ପଠାଇ ପାରିବେ । କିନ୍ତୁ ଅପିଲକାରୀ କିମ୍ବା ତାଙ୍କ ଅଧିବକ୍ତାଙ୍କୁ ଶୁଣିବା ପରେ ହିଁ ମାମଲାଟିର ଯୋଗ୍ୟତା ଆଧାରରେ ଫଏସଲା ନିଆଯାଇପାରିବ ।"

5. ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଯୁକ୍ତି ଦର୍ଶାଇଛନ୍ତି ଯେ ହାଜର ହେବା ଏବଂ ଅପିଲ କରିବା ପାଇଁ ଅପିଲକାରୀ କିମ୍ବା ତାଙ୍କ ଅଧିବକ୍ତାଙ୍କ ଅନୁପସ୍ଥିତି କାରଣରୁ ଅପିଲକୁ ଖାରଜ କରାଯାଇପାରି ନଥାନ୍ତା । ଏହି ଯୁକ୍ତିଟି ଯଥାର୍ଥ ମନେହୁଏ ।

6. ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 382 ର ନିର୍ଦ୍ଦେଶାନୁସାରେ, ଅପିଲ ଏକ ଆବେଦନ ଆକାରରେ ଦାୟର କରାଯିବା ଉଚିତ ।ନିମ୍ନରେ ଉଦ୍ଧୃତ ଧାରା 384 (ଉପ-ଧାରା (3) ଏବଂ (4) କୁ ଛାଡ଼ି ଯାହା ବର୍ତ୍ତମାନ ପ୍ରସଙ୍ଗରେ ପ୍ରାସଙ୍ଗିକ ନୁହେଁ) ଅପିଲର ସଂକ୍ଷିପ୍ତ ଫଏସଲା ସମ୍ବନ୍ଧରେ ଉଲ୍ଲେଖ କରେ:

> "384. ଅପିଲର ସଂକ୍ଷିପ୍ତ ଖାରଜ: (1) ଧାରା 382 କିମ୍ବା ଧାରା 383 ଅଧୀନରେ ପ୍ରାପ୍ତ ଅପିଲ ଆବେଦନ ଏବଂ ରାୟର ନକଲ ପରୀକ୍ଷା କରିବା ପରେ, ଯଦି ଅପିଲୀୟ ନ୍ୟାୟାଳୟ ମନେ କରନ୍ତି ଯେ ହସ୍ତକ୍ଷେପ କରିବା ପାଇଁ କୌଣସି ପର୍ଯ୍ୟାପ୍ତ ଆଧାର ନାହିଁ, ତେବେ ସେ ସଂକ୍ଷିପ୍ତ ଭାବେ ଅପିଲଟିକୁ ଖାରଜ କରିପାରନ୍ତି:

ଉଲ୍ଲେଖଥାଉକି-

(a) ଧାରା 382 ଅଧୀନରେ ଉପସ୍ଥାପିତ କୌଣସି ଅପିଲ ସେତେବେଳ ପର୍ଯ୍ୟନ୍ତ ଖାରଜ କରାଯିବ ନାହିଁ, ଯେପର୍ଯ୍ୟନ୍ତ ଅପିଲକାରୀ କିମ୍ବା ତାଙ୍କ ଅଧିବକ୍ତାଙ୍କୁ ଏହାର ସମର୍ଥନରେ ଶୁଣାଣି ପାଇଁ ଯୁକ୍ତିଯୁକ୍ତ ସୁଯୋଗ ଦିଆଯାଇ ନଥାଏ;

(b) ଧାରା 383 ଅଧୀନରେ ଉପସ୍ଥାପିତ କୌଣସି ଅପିଲ ସେତେବେଳ ପର୍ଯ୍ୟନ୍ତ ଖାରଜ କରାଯିବ ନାହିଁ, ଯେପର୍ଯ୍ୟନ୍ତ ଅପିଲକାରୀଙ୍କୁ ଏହାର ସମର୍ଥନରେ ଶୁଣାଣି ପାଇଁ ଯୁକ୍ତିଯୁକ୍ତ ସୁଯୋଗ ଦିଆଯାଇ ନଥାଏ, ଯଦି ଅପିଲୀୟ ନ୍ୟାୟାଳୟ ମନେ କରନ୍ତି ଯେ ଅପିଲଟି ଅତ୍ୟନ୍ତ ସାମାନ୍ୟ କିମ୍ବା ହେପାଜତରେ ଥିବା ଅଭିଯୁକ୍ତଙ୍କୁ ନ୍ୟାୟାଳୟରେ ହାଜର କରାଇବା ଦ୍ୱାରା ଏଭଳି ଅସୁବିଧା ହେବ ଯାହା ମାମଲାର ପରିସ୍ଥିତିରେ ଅସମାନ ହେବ;

(c) ଧାରା 383 ଅଧୀନରେ ଉପସ୍ଥାପିତ କୌଣସି ଅପିଲ ସେତେବେଳ ପର୍ଯ୍ୟନ୍ତ ସଂକ୍ଷିପ୍ତ ଭାବେ ଖାରଜ କରାଯିବ ନାହିଁ, ଯେପର୍ଯ୍ୟନ୍ତ ଅପିଲ ଦାୟର କରିବା ପାଇଁ ନିର୍ଦ୍ଧାରିତ ସମୟସୀମା ସମାପ୍ତ ହୋଇ ନଥାଏ ।

(2) ଏହି ଧାରା ଅଧୀନରେ ଏକ ଅପିଲ ଖାରଜ କରିବା ପୂର୍ବରୁ, ନ୍ୟାୟାଳୟ ମାମଲାର ନଥି ମଗାଇ ପାରନ୍ତି" ।

7. ଏଥିରୁ ଦେଖାଯିବ ଯେ, ଏହି ଧାରାର ପ୍ରାରମ୍ଭିକ ଶବ୍ଦାବଳୀ ହିଁ ଅପିଲୀୟ ନ୍ୟାୟାଳୟଙ୍କୁ ଅପିଲ ଆବେଦନ ଏବଂ ଆକ୍ଷେପିତ ରାୟର ନକଲ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଅନ୍ତି ଯେ, ସେଥିରେ ହସ୍ତକ୍ଷେପ କରିବା ପାଇଁ କୌଣସି ପର୍ଯ୍ୟାପ୍ତ ଆଧାର ଅଛି କି ନାହିଁ । ଉପ-ଧାରା (2) ବ୍ୟବସ୍ଥା କରେ ଯେ ନ୍ୟାୟାଳୟ ପ୍ରାଥମିକ ପର୍ଯ୍ୟାୟରେ ମଧ୍ୟ ମାମଲାର ନଥି ମଗାଇ ପାରିବେ । ତେଣୁ ଏହା ସ୍ପଷ୍ଟ ଯେ, ଅପିଲକୁ ସଂକ୍ଷିପ୍ତ ଭାବେ ଖାରଜ କରିବା ପୂର୍ବରୁ ଅପିଲ ଆବେଦନ ଏବଂ ଆପତ୍ତି କରାଯାଇଥିବା ରାୟର ପରୀକ୍ଷା କରିବା ଏବଂ ମାମଲାର ଯୋଗ୍ୟତା ବିଚାର କରିବା ଅପିଲୀୟ ନ୍ୟାୟାଳୟଙ୍କ କର୍ତ୍ତବ୍ୟ, ଯାହା ଅପିଲକାରୀ କିମ୍ବା ତାଙ୍କ ଅଧିବକ୍ତାଙ୍କ ଉପସ୍ଥିତି ଉପରେ ନିର୍ଭରଶୀଳ ନୁହେଁ । ଯେତେବେଳେ ଧାରା 382 କିମ୍ବା 383 ଅଧୀନରେ ଅପିଲ ଉପସ୍ଥାପନ କରାଯାଏ, ସେତେବେଳେ ସଂକ୍ଷିପ୍ତ ଖାରଜ ପୂର୍ବରୁ ଯୋଗ୍ୟତା ଆଧାରରେ ବିଚାର କରିବା ନ୍ୟାୟାଳୟଙ୍କ କର୍ତ୍ତବ୍ୟ ହୋଇଯାଏ । ଯଦି ଅପିଲକାରୀଙ୍କୁ କାରାଦଣ୍ଡ ଦିଆଯାଇଥାଏ ଏବଂ ପ୍ରାଥମିକ ଶୁଣାଣି ସମୟରେ ସେ ହେପାଜତରେ ନଥାନ୍ତି, ତେବେ ଅପିଲୀୟ ନ୍ୟାୟାଳୟ ତାଙ୍କୁ

ଆତ୍ମସମର୍ପଣ କରିବାକୁ କହିପାରନ୍ତି, ଏବଂ ଯଦି ସେ ଏହା ଅମାନ୍ୟ କରନ୍ତି, ତେବେ ଅନ୍ୟ ପରିସ୍ଥିତି ଉପୁଜିପାରେ ଯେଉଁଥିରେ ଅପିଲଟି ବିଚାର ବିନା ଖାରଜ ହୋଇପାରେ, କିନ୍ତୁ ବର୍ତ୍ତମାନର ମାମଲା ସହ ତାହାର କୌଣସି ସମ୍ପର୍କ ନାହିଁ । ଏଠାରେ, ଶୁଣାଣି ସମୟରେ ଅପିଲକାରୀଙ୍କ ଅଧିବକ୍ତା ଉପସ୍ଥିତ ନଥିଲେ ଏବଂ ପରବର୍ତ୍ତୀ ସମୟରେ ଦାୟର ହୋଇଥିବା ପୁନରୁଦ୍ଧାର ଆବେଦନ ମଧ୍ୟ ସଫଳ ହୋଇନଥିଲା । ପ୍ରଶ୍ନ ହେଉଛି, ଏହି ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟ ଅପିଲକୁ ଖାରଜ କରିପାରିଥାନ୍ତେ କି ନାହିଁ, ଏବଂ ଯଦି ନୁହେଁ, ତେବେ ପୁନରୁଦ୍ଧାର ପ୍ରାର୍ଥନା ମଞ୍ଜୁର ହେବା ଉଚିତ ଥିଲା କି ନାହିଁ । ଉପରୋକ୍ତ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ବ୍ୟବସ୍ଥା ଅନୁଯାୟୀ, ଉଚ୍ଚ ନ୍ୟାୟାଳୟ ନିଜେ ଅପିଲ ଆବେଦନ ଏବଂ ରାୟର ପରୀକ୍ଷା କରିବା ଉଚିତ ଥିଲା କିମ୍ବା ଜଣେ ଅଧିବକ୍ତା ନିଯୁକ୍ତ କରିବା ଉଚିତ ଥିଲା, କିନ୍ତୁ ଅଧିବକ୍ତାଙ୍କ ଅନୁପସ୍ଥିତି କାରଣରୁ ଏହାକୁ ଖାରଜ କରିପାରି ନଥାନ୍ତେ । ଫୌଜଦାରୀ ଅପିଲର ସ୍ଥିତି ଦେୱାନୀ କାର୍ଯ୍ୟବିଧି ସଂହିତା ଦ୍ୱାରା ପରିଚାଳିତ ଦେୱାନୀ ଅପିଲ ସହ ସମାନ ନୁହେଁ । ଧାରା 384 ସହିତ ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ 41, ରୁଲ୍ 11 ଏବଂ 17 ର ତୁଳନା କଲେ ପାର୍ଥକ୍ୟ ସ୍ପଷ୍ଟ ହୁଏ । ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ 41, ନିୟମ 17 ସ୍ପଷ୍ଟ ଭାବେ ଅନୁପସ୍ଥିତିରେ ଅପିଲ ଖାରଜ ପାଇଁ ବ୍ୟବସ୍ଥା ରଖିଛି ଏବଂ ରୁଲ୍ 19 ପୁନରୁଦ୍ଧାର ପାଇଁ ବ୍ୟବସ୍ଥା ରଖିଛି । ଏକ ଫୌଜଦାରୀ ଆବେଦନ କ୍ଷେତ୍ରରେ ଦଣ୍ଡ ପ୍ରକ୍ରିୟା ସଂହିତାରେ ଏଭଳି ବ୍ୟବସ୍ଥା ନାହିଁ, ବରଂ ସଂହିତାଟି ଯୋଗ୍ୟତା ଆଧାରରେ ବିଚାର କରିବାକୁ କୁହେ । ଅନ୍ୟ ପକ୍ଷରେ, ସଂହିତାରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଏହି ବିଷୟକୁ ଯୋଗ୍ୟତା ଆଧାରରେ ବିଚାର କରାଯିବା ଆବଶ୍ୟକ । ତେଣୁ, ଏକ ଫୌଜଦାରୀ ଆବେଦନ ଅଣ-ଅଭିଯୋଜନ କାରଣରୁ ଖାରଜ ହୁଏ ନାହିଁ ଏବଂ ଏଥିପାଇଁ ଦଣ୍ଡ ପ୍ରକ୍ରିୟା ସଂହିତାରେ ଆଦେଶ 41, ନିୟମ 19 ଭଳି କୌଣସି ବିଶେଷ ବ୍ୟବସ୍ଥା ନାହିଁ । ପୁରୁଣା ଦଣ୍ଡ ପ୍ରକ୍ରିୟା ସଂହିତା ଦ୍ୱାରା ପରିଚାଳିତ *ଶ୍ୟାମ ଦେଓ ପାଣ୍ଡେ ଏବଂ ଅନ୍ୟମାନେ ବନାମ ବିହାର ରାଜ୍ୟ*, [1971] Suppl. SCR 133 ମାମଲାରେ ଆଇନର ସଠିକ୍ ବ୍ୟାଖ୍ୟା କରାଯାଇଥିଲା । ନୂଆ ସଂହିତା ଅଧୀନରେ ମଧ୍ୟ ସ୍ଥିତି ସମାନ ରହିଛି । ପୂର୍ବରୁ ମଧ୍ୟ ଉଚ୍ଚ ନ୍ୟାୟାଳୟମାନେ ଏହି ନୀତି ଅନୁସରଣ କରୁଥିଲେ, ଯାହା *ସମ୍ରାଟ ବନାମ ବାଲୁମାଲ ହଟଚାନ୍ଦ ଏବଂ ଅନ୍ୟମାନେ*, 39 ଅପରାଧିକ ଆଇନ ପତ୍ରିକା 890 ଏବଂ *ରମେଶ ନାନୁ ବନାମ ଗୁଜରାଟ ରାଜ୍ୟ*, 17 ଗୁଜରାଟ ଆଇନ ରିପୋର୍ଟର 350 ର ପର୍ଯ୍ୟବେକ୍ଷଣରୁ ସ୍ପଷ୍ଟ । *ସମ୍ରାଟ ବନାମ ବାଲୁମାଲ ହଟଚାନ୍ଦ ଏବଂ ଅନ୍ୟମାନେ* ମାମଲାରେ ପର୍ଯ୍ୟବେକ୍ଷଣ କରାଯାଇଥିଲା ଯେ:

"ଆଇନ ଅନୁଯାୟୀ, ଏକ ଅପିଲୀୟ ନ୍ୟାୟାଳୟ ସଂକ୍ଷିପ୍ତ ଭାବେ ଅପିଲ ଖାରଜ କରିବା ପୂର୍ବରୁ ରାୟର ନକଲ ପଢ଼ିବା ଉଚିତ ଏବଂ ଯଦି ହସ୍ତକ୍ଷେପ ପାଇଁ ପର୍ଯ୍ୟାପ୍ତ ଆଧାର ନଥାଏ, ତେବେ ସେ

ତାହା ସଂକ୍ଷିପ୍ତ ଭାବେ ଖାରଜ କରିପାରିବେ । ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେ, ରାୟ ପଢ଼ିବା ପରେ ଅପିଲ ଖାରଜ ହେବା ବିଚାରପତିଙ୍କ ନିରପେକ୍ଷ ଏବଂ ସ୍ୱାଧୀନ ମନର ପ୍ରୟୋଗ ଉପରେ ନିର୍ଭର କରିବ, ଅଭିଯୁକ୍ତଙ୍କ ଅପିଲ ଉପସ୍ଥାପନ କରିବାର ବିଫଳତା ଉପରେ ନୁହେଁ ।"

୪. ଦଣ୍ଡ ପ୍ରକ୍ରିୟା ସଂହିତାର ସ୍ପଷ୍ଟ ଭାଷା ଏବଂ ଉପରୋକ୍ତ ଅନ୍ୟାନ୍ୟ କାରଣକୁ ଦୃଷ୍ଟିରେ ରଖି ଆମେ ଏହା କହିବାକୁ ବାଧ୍ୟ ଯେ, AIR 1987 ସୁପ୍ରିମକୋର୍ଟ ପୃଷ୍ଠା ସଂଖ୍ୟା 1500 ରେ ଦିଆଯାଇଥିବା ପର୍ଯ୍ୟବେକ୍ଷଣ ଯାହା ଉପରେ ଉଚ୍ଚ ନ୍ୟାୟାଳୟ ଆମ ସମ୍ମୁଖରେ ଥିବା ମାମଲାରେ ନିର୍ଭର କରିଥିଲେ, ତାହାକୁ ସଠିକ୍ ଆଇନ ଭାବେ ଗ୍ରହଣ କରାଯାଇପାରିବ ନାହିଁ । ତେଣୁ ଅପିଲକାରୀ କିମ୍ବା ତାଙ୍କ ଅଧିବକ୍ତାଙ୍କ ଅନୁପସ୍ଥିତି ପାଇଁ ଅପିଲ ଖାରଜ କରିବାରେ ଉଚ୍ଚ ନ୍ୟାୟାଳୟ ଠିକ୍ ନଥିଲେ ଏବଂ ଅପିଲର ପୁନରୁଦ୍ଧାର ପାଇଁ ଅନ୍ତର୍ନିହିତ କ୍ଷମତା ବ୍ୟବହାର କରିବା ଉଚିତ ଥିଲା । ଫଳସ୍ୱରୂପ, ବର୍ତ୍ତମାନର ଅପିଲକୁ ମଞ୍ଜୁର କରାଗଲା, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଗଲା, ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଥିବା ଫୌଜଦାରୀ ଅପିଲ ସଂଖ୍ୟା 1791/1979 ର ପୁନରୁଦ୍ଧାର କରାଗଲା ଏବଂ ଆଇନ ଅନୁଯାୟୀ ଯୋଗ୍ୟତା ଆଧାରରେ ବିଚାର ଏବଂ ନିର୍ଣ୍ଣୟ ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଗଲା ।

ଟି.ଏନ୍.ଏ. ଅପିଲ ମଞ୍ଜୁର ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।